ଓଁ ଶ୍ରୀ ଗଣେଶାୟ ନମଃ

ପ୍ରାଚୀନ ଭାରତୀୟ ବୈଦିକ ସାହିତ୍ୟ

Vedic Literature of Ancient India

# ଉପନିଷଦ

(ଉପନିଷତ୍)

Upanishad / उपनिषत्

## ୧୦୮ ଉପନିଷଦ ( ଭାଗ – ୪ )

108 Upanishad ( Vol – 4 )


### ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ

Editor – Prakash Pradhan


### ଭାଷା - ସଂସ୍କୃତ-ଓଡିଆ

Language – Sanskrit - Odia


ଉପଦେଷ୍ଟା

### ପଣ୍ଡିତ ଶ୍ରୀ ସନ୍ତୋଷ କୁମାର ମିଶ୍ର

ସଂପାଦକ, ହିନ୍ଦୁ ମହାସଭା, ଓଡ଼ିଶା ଶାଖା

# ବେଦ ଉପନିଷଦ

ଉପନିଷଦ ଗୁଡିକ 'ବେଦ ଯୁଗ'ର ଶେଷ ଆଡ଼କୁ ରଚନା କରାଯାଇଥିଲା । ଉପନିଷଦ 'ଷଦ' ଶବ୍ଦରୁ ଆସିଅଛି, ଷଦ ଅର୍ଥାତ 'ବସିବା', ଏଥିରେ ପୂର୍ବରେ 'ଉପ' ଓ 'ନି' କୁ ଯୋଡା ଯାଇଛି ।  ଅର୍ଥାତ 'ଉପ' ର ଅର୍ଥ ପାଖରେ , 'ନି' ର ଅର୍ଥ ସମ୍ପୁର୍ଣ୍ଣ ଭାବରେ, ତେଣୁ ଉପ-ନି-ଷଦ, ଯାହାର ଅର୍ଥ ହେଲା, ସମ୍ପୁର୍ଣ୍ଣ ଭାବରେ ଗୁରୁଙ୍କ ପାଖରେ ବସିବା, ଅର୍ଥାତ ସମ୍ପୁର୍ଣ୍ଣ ସମର୍ପଣ ସହିତ ଗୁରୁଙ୍କ ପାଖରେ ବସି ବେଦର ଶେଷ ଭାଗ ଅଧ୍ୟୟନ କରିବା । **ଉପନିଷଦ**କୁ ବେଦର **ଚତୁର୍ଥ ସ୍ତର** ବା ଅଂଶ ବୋଲି କୁହାଯାଏ ।

ଯେହେତୁ ଉପନିଷଦ ଗୁଡିକ ବେଦର ଅନ୍ତ ଆଡ଼କୁ ରଚନା କରାଯାଇଥିଲା, ସେଥିପାଇଁ ଏହାକୁ '**ବେଦାନ୍ତ**' ମଧ୍ୟ କୁହାଯାଏ । ଅଧିକାଂଶ ଉପନିଷଦ ଗୁଡିକର ବିଷୟବସ୍ତୁ '**ଆତ୍ମବିଦ୍ୟା** ଓ '**ବ୍ରହ୍ମବିଦ୍ୟା** ଉପରେ ଆଧାରିତ । ଏହାକୁ ଅନେକ ଗବେଷକ ବା ପଣ୍ଡିତ ବା ଜ୍ଞାନୀମାନେ ଅନେକ ଆଖ୍ୟା ଦେଇଛନ୍ତି ଯଥା – 'ଆଦି ଶଙ୍କରାଚାର୍ଯ୍ୟ' ଏହାକୁ 'ଆତ୍ମ ଓ ବ୍ରହ୍ମବିଦ୍ୟା' କହିଛନ୍ତି, 'ମାକ୍ସ ମୁଲ୍ଲେର୍' ଓ 'ପାଉଲ୍ ଦେଉସାନ୍' ଏହାକୁ 'ଗୁପ୍ତ ଶିକ୍ଷା', ଓ 'ପାଟ୍ରିକ୍ ଓଲିଭେଲ୍ଲେ' 'ଲୁକ୍କାୟିତ ଅର୍ଥ', ବୋଲି କହିଛନ୍ତି ।

ଏହା କୁହାଯାଏ ଯେ, ଯେଉଁ ଶିଷ୍ୟ ମାନଙ୍କର ଚରିତ୍ର, ଶିକ୍ଷା ଓ ଗୁରୁଭକ୍ତି ଠିକ ରହୁଥିଲା, ସେଇମାନଙ୍କୁ କେବଳ ଉପନିଷଦ ଶିକ୍ଷା ଗ୍ରହଣ କରିବାର ସୁଯୋଗ ମିଳୁଥିଲା । ସେଇଥିପାଇଁ ଉପନିଷଦ ମାନଙ୍କୁ "**ଗୁପ୍ତ ବିଦ୍ୟା**" କୁହାଯାଏ ।

ଇତିହାସକାର ଓ ଗବେଷକ ମାନଙ୍କ ଅନୁସାରେ ବେଦରେ ସମୁଦାୟ **୧୦୮**ଟି ଉପନିଷଦ ଅଛି । ଏହିସବୁ ଉପନିଷଦ ଗୁଡିକୁ ପ୍ରତ୍ୟେକ ବେଦ ଅଧୀନରେ ସେମାନଙ୍କର ପ୍ରାଧାନ୍ୟ ଓ ବିଷୟବସ୍ତୁ ଅନୁସାରେ ବିଭକ୍ତ କରାଯାଇଛି । ବିଭକ୍ତିକରଣର ପଦ୍ଧତି ଗୁଡିକ ହେଲେ - **ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ**, ଓ **ଯୋଗ** । ଅର୍ଥାତ ପ୍ରତ୍ୟେକ ବେଦର ମୁଖ୍ୟ, ସାମାନ୍ୟ, ସନ୍ନ୍ୟାସ, ଶାକ୍ତ, ବୈଷ୍ଣବ, ଶୈବ, ଓ ଯୋଗ ଉପନିଷଦ ଗୁଡିକ ଅଛି । (ତଳେ ଦିଆଯାଇଥିବା ଟେବୁଲରେ ଏହାର ସଂକ୍ଷିପ୍ତକରଣ ପାଇ ପାରିବେ)

ଏସବୁ ଉପନିଷଦ ଭିତରୁ **ଦଶୋପନିଷଦ,** ଅର୍ଥାତ ୧୦ଟି ଉପନିଷଦକୁ 'ମୁଖ୍ୟ ଉପନିଷଦ' ଭାବରେ ମାନନ୍ତି, ଏଥିରେ, ପରେ ଆଉ ୩ଟି ଉପନିଷଦ ଯୋଗ କରାଯାଇ ଏହାକୁ ୧୩ଟି କରିଦିଆଗଲା । ତେଣୁ **୧୩ଟି ମୁଖ୍ୟ ଉପନିଷଦ**, ସେଗୁଡିକ ହେଲେ - (ଦଶୋପନିଷଦ) - ଇଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ତୈତ୍ତିରୀୟ, ଐତରେୟ, ଛାନ୍ଦୋଗ୍ୟ ଓ ବୃହଦାରଣ୍ୟକ, (ଅତିରିକ୍ତ) - କୌଷୀତକି, ଶ୍ୱେତାଶ୍ୱତର ଓ ମୈତ୍ରାୟଣୀୟ ।

# ବେଦ - ଉପନିଷଦ ସଂଗଠନ

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଋକ୍ ବେଦ | ୧୦ | ଐତରେୟ, କୌଷୀତକି | ଆତ୍ମବୋଧ, ମୁଦ୍ଗଲ | ନିର୍ବାଣ | ତ୍ରିପୁରା, ସୌଭାଗ୍ୟଲକ୍ଷ୍ମୀ, ବହ୍ବୃଚ, | - | ଅକ୍ଷମାଳିକା | ନାଦବିନ୍ଦୁ |
| ସାମବେଦ | ୧୬ | ଛାନ୍ଦୋଗ୍ୟ, କେନ | ବଜ୍ରସୂଚୀ, ମହା, ସାବିତ୍ରୀ, | ଆରୁଣେୟ, ମୈତ୍ରେୟ, ସଂନ୍ୟାସ, କୁଣ୍ଡିକା | - | ବାସୁଦେବ, ଅବ୍ୟକ୍ତ | ରୁଦ୍ରାକ୍ଷଜାବାଲ, ଜବାଲି | ଯୋଗଚୂଡାମଣି, ଦର୍ଶନ |
| କୃଷ୍ଣ ଯଜୁର୍ବେଦ | ୩୨ | କଠ, ତୈତ୍ତିରୀୟ, ଶ୍ବେତାଶ୍ବତର, ମୈତ୍ରାୟଣୀୟ, | ସର୍ବସାର, ଶୁକରହସ୍ୟ, ସ୍କନ୍ଦ, ଗର୍ଭ, ଶାରୀରକ, ଏକାକ୍ଷର, ଅକ୍ଷି | ବ୍ରହ୍ମ, ଅବଧୂତ, କଠଶ୍ରୁତି | ସରସ୍ବତୀ ରହସ୍ୟ | ନାରାୟଣ, କଳି ସନ୍ତରଣ | କୈବଲ୍ୟ, କାଳାଗ୍ନି ରୁଦ୍ର, ଦକ୍ଷିଣାମୂର୍ତି, ରୁଦ୍ରହୃଦୟ, ପଞ୍ଚବ୍ରହ୍ମ | ଅମୃତବିନ୍ଦୁ, ତେଜୋବିନ୍ଦୁ, ଅମୃତନାଦ, କ୍ଷୁରିକା, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ବ, ଯୋଗଶିଖା, ଯୋଗକୁଣ୍ଡଳିନୀ, ବରାହ |
| ଶୁକ୍ଳ ଯଜୁର୍ବେଦ | ୧୮ | ଈଶ, ବୃହଦାରଣ୍ୟକ | ସୁବାଲ, ମନ୍ତ୍ରିକ, ନିରାଲମ୍ବ, ପୈଙ୍ଗଲ, ଅଧ୍ୟାତ୍ମ, ମୁକ୍ତିକା | ଜାବାଲ, ଭିକ୍ଷୁକ, ତୁରୀୟାତୀତ ଅବଧୂତ, ଯାଜ୍ଞବଲ୍କ୍ୟ, ଶାଟ୍-ୟାୟନୀୟ, | - | ତାରସାର | - | ଅଦ୍-ବୟ ତାରକ, ହଂସ, ତ୍ରିଶିଖ-ବ୍ରାହ୍ମଣ, ମଣ୍ଡଳ-ବ୍ରାହ୍ମଣ |

| ବେଦ | ସଂଖ୍ୟା | ମୁଖ୍ୟ | ସାମାନ୍ୟ | ସନ୍ୟାସ | ଶାକ୍ତ | ବୈଷ୍ଣବ | ଶୈବ | ଯୋଗ |
|---|---|---|---|---|---|---|---|---|
| ଅଥର୍ବ ବେଦ | ୩୨ | ମୁଣ୍ଡକ, ମାଣ୍ଡୁକ୍ୟ, ପ୍ରଶ୍ନ, | ଆତ୍ମା, ସୂର୍ଯ୍ୟ, ପ୍ରାଣାଗ୍ନିହୋତ୍ର | ଆଶ୍ରମ, ନାରଦପରିବ୍ରାଜକ, ପରମହଂସ, ପରମହଂସ ପରିବ୍ରଜକ, ପରଂବ୍ରହ୍ମ, | ସୀତା, ଦେବୀ, ତ୍ରିପୁରାତାପିନୀ, ଭାବନ | ନୃସିଂହ ତାପନୀୟ, ମହାନାରାୟଣ, ରାମ ରହସ୍ୟ, ରାମ ତାପନୀୟ, ଗୋପାଳ-ତାପନୀ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଗରୁଡ଼ | ଅଥର୍ବସିରସ୍, ଅଥର୍ବଶିଖା, ବୃହଜ୍ଜାବାଲ, ଶରଭ, ଭସ୍ମଜାବାଲ, ଗଣପତ୍ୟର୍ଥବ ଶୀର୍ଷ | ଶାଣ୍ଡିଲ୍ୟ, ପଶୁପତିବ୍ରହ୍ମ, ମହାବାକ୍ୟ |
| ସର୍ବମୋଟ | ୧୦୮ | ୧୩ | ୨୧ | ୧୯ | ୮ | ୧୪ | ୧୩ | ୨୦ |

**ପ୍ରୀୟ ପାଠକ,**

ବିଭିନ୍ନ ସୂତ୍ରରୁ ଉପଲବ୍ଧ ଉପନିଷଦ ମାନଙ୍କ ମଧ୍ୟରେ ସାମାନ୍ୟ ଅନ୍ତର ପରିଲକ୍ଷିତ ହୋଇଥାଏ, ଏହା ଭୁଲ୍ କିମ୍ବା ତୃଟିଯୁକ୍ତ ନୁହେଁ, ଏହା କେବଳ ଭିନ୍ନ ଭିନ୍ନ ସଂସ୍କରଣ ଅଟେ । ଏହି ଉପନିଷଦ ସଂସ୍କରଣରେ ୧୯୪୮ ମସିହାରେ ପ୍ରକାଶିତ "ଈଶାଦି ବିଂଶୋତ୍ତରଶତୋପନିଷଦଃ" ପୁସ୍ତକ ବ୍ୟବହାର କରାଯାଇଛି ।

ଆମ ଜ୍ଞାନ ଅବଧିରେ, ଧ୍ୟାନ ପୂର୍ବକ ସମସ୍ତ ସାବଧାନ, ଓ ଯତ୍ନର ସହିତ ଓଡିଆରେ ରୂପାନ୍ତର କରାଯାଇଛି । ଏଥିରେ ଭୁଲ୍ ବା ତୃଟି ରହିଥାଇପାରେ, ଯଦି କିଛି ତୃଟି ରହିଯାଇଥାଏ, ତାହା ସଂପାଦକଙ୍କ ଦୃଷ୍ଟି ଗୋଚରକୁ ଆଣିବାକୁ ଅନୁରୋଧ ।

ଆଶାକରୁଛି, ଏହା ସମସ୍ତ ଓଡିଆ ଭାଷା ଭାଷୀ ଜ୍ଞାନଲିପ୍ସୁ ଜନମାନଙ୍କ କାମରେ ଆସିବ ଓ ଏହାକୁ ଅନ୍ୟମାନଙ୍କ, ତଥା ଭବିଷ୍ୟତ ପିଢି ପର୍ଯ୍ୟନ୍ତ ପହଞ୍ଚାଇ ଭାରତର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବେ ।

**ତାରିଖ - ୧୦.୦୯.୨୦୨୧**

**ଗଣେଶ ଚତୁର୍ଥୀ**

**ଶ୍ରୀ ପ୍ରକାଶ ପ୍ରଧାନ**

**ସଂପାଦକ**

ସଂସାରଫଳ, ପଚାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

# ଶୈବ ଉପନିଷଦ

(Shaiva Upanishad)

ଓଁ ଶ୍ରୀ ଗଣେଶାୟ ନମଃ

# ଗଣପତି ଉପନିଷଦ

(Ganapatyupanisat / Ganapati Upanishad)

**ସଂପାଦନ - ଶ୍ରୀ ପ୍ରକାଶ ପ୍ରଧାନ**

Editor – Prakash Pradhan

**ଭାଷା - ସଂସ୍କୃତ-ଓଡିଆ**

Language – Sanskrit - Odia

**ଶୁଦ୍ଧିକରଣ (**Proofreading by)

ଅଧ୍ୟାପକ ଶ୍ରୀ ଅରୁଣ କୁମାର ଦାଶ




ଶ୍ରୀ ପ୍ରକାଶ ପ୍ରଧାନ

ସଂପାଦକ

prakash@scholarshoppe.com


## ଶୁଦ୍ଧିକରଣ




ଅଧ୍ୟାପକ ଶ୍ରୀ ଅରୁଣ କୁମାର ଦାଶ

ସଂସାରଫଳ, ପଟ୍ଟାମୁଣ୍ଡାଇ,

କେନ୍ଦ୍ରାପଡା, ଓଡିଶା

dasharun609@gmail.com

# ଗଣପତ୍ୟୁପନିଷତ୍ / ଗଣପତି ଉପନିଷଦ / ଶ୍ରୀଗଣପତ୍ୟଥର୍ବଶୀର୍ଷୋପନିଷତ୍

## ।। ଅଥ ଗଣପତ୍ୟୁପନିଷତ୍ ।।

ୟଂ ନତ୍ୱା ମୁନୟଃ ସର୍ବେ ନିର୍ବିଘ୍ନଂ ୟାନ୍ତି ତତ୍ପଦମ୍ ।
ଗଣେଶୋପନିଷଦ୍ୱେଦ୍ୟଂ ତଦ୍-ବ୍ରହ୍ମୈବାସ୍ମି ସର୍ବଗମ୍ ।।

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ । ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଗୁଁସସ୍ତନୂଭିଃ । ବ୍ୟଶେମ ଦେବହିତଂ ୟଦାୟୁଃ ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ । ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ । ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ହରିଃ ଓଁ ।।
ନମସ୍ତେ ଗଣପତୟେ । ତ୍ୱମେବ ପ୍ରତ୍ୟକ୍ଷଂ ତତ୍ତ୍ୱମସି ।
ତ୍ୱମେବ କେବଲଂ କର୍ତାସି । ତ୍ୱମେବ କେବଲଂ ଧର୍ତାସି ।
ତ୍ୱମେବ କେବଲଂ ହର୍ତାସି । ତ୍ୱମେବ ସର୍ବଂ ଖଲ୍ୱିଦଂ ବ୍ରହ୍ମାସି ।
ତ୍ୱଂ ସାକ୍ଷାଦାତ୍ମାସି ନିତ୍ୟମ୍ ।। ୧ ।।

ଋତଂ ବଚ୍ମି । ସତ୍ୟଂ ବଚ୍ମି ।। ୨ ।।

ଅବ ତ୍ୱଂ ମାମ୍ । ଅବ ବକ୍ତାରମ୍ । ଅବ ଶ୍ରୋତାରମ୍ ।
ଅବ ଦାତାରମ୍ । ଅବ ଧାତାରମ୍ । ଅବାନୂଚାନମବ ଶିଷ୍ୟମ୍ ।
ଅବ ପଶ୍ଚାତ୍ତାତ୍ । ଅବ ପୁରସ୍ତାତ୍ । ଅବୋତ୍ତରାତ୍ତାତ୍ ।
ଅବ ଦକ୍ଷିଣାତ୍ତାତ୍ । ଅବ ଚୋର୍ଧ୍ୱାତ୍ତାତ୍ । ଅବାଧରାତ୍ତାତ୍ ।
ସର୍ବତୋ ମାଂ ପାହି ପାହି ସମନ୍ତାତ୍ ।। ୩ ।।

Not For Commercial Use

ତ୍ୱଂ ବାଙ୍ମୟସ୍ତ୍ୱଂ ଚିନ୍ମୟଃ । ତ୍ୱମାନନ୍ଦମୟସ୍ତ୍ୱଂ ବ୍ରହ୍ମମୟଃ ।
ତ୍ୱଂ ସଚ୍ଚିଦାନନ୍ଦାଦ୍ୱିତୀୟୋଽସି । ତ୍ୱଂ ପ୍ରତ୍ୟକ୍ଷଂ ବ୍ରହ୍ମାସି ।
ତ୍ୱଂ ଜ୍ଞାନମୟୋ ବିଜ୍ଞାନମୟୋଽସି ।। ୪ ।।

ସର୍ବଂ ଜଗଦିଦଂ ତ୍ୱତ୍ତୋ ଜାୟତେ । ସର୍ବଂ ଜଗଦିଦଂ ତ୍ୱତ୍ତସ୍ତିଷ୍ଠତି ।
ସର୍ବଂ ଜଗଦିଦଂ ତ୍ୱୟି ଲୟମେଷ୍ୟତି । ସର୍ବଂ ଜଗଦିଦଂ ତ୍ୱୟି ପ୍ରତ୍ୟେତି ।
ତ୍ୱଂ ଭୂମିରାପୋଽନଲୋଽନିଲୋ ନଭଃ । ତ୍ୱଂ ଚତ୍ୱାରି ବାକ୍ପଦାନି ।। ୫ ।।

ତ୍ୱଂ ଗୁଣତ୍ରୟାତୀତଃ । ତ୍ୱଂ ଅବସ୍ଥାତ୍ରୟାତୀତଃ ।
ତ୍ୱଂ ଦେହତ୍ରୟାତୀତଃ । ତ୍ୱଂ କାଲତ୍ରୟାତୀତଃ ।
ତ୍ୱଂ ମୂଲାଧାରସ୍ଥିତୋଽସି ନିତ୍ୟମ୍ । ତ୍ୱଂ ଶକ୍ତିତ୍ରୟାତ୍ମକଃ ।
ତ୍ୱାଂ ଯୋଗିନୋ ଧ୍ୟାୟନ୍ତି ନିତ୍ୟମ୍ ।
ତ୍ୱଂ ବ୍ରହ୍ମା ତ୍ୱଂ ବିଷ୍ଣୁସ୍ତ୍ୱଂ ରୁଦ୍ରସ୍ତ୍ୱମିନ୍ଦ୍ରସ୍ତ୍ୱମଗ୍ନିସ୍ତ୍ୱଂ ବାୟୁସ୍ତ୍ୱଂ ସୂର୍ୟସ୍ତ୍ୱଂ
ଚନ୍ଦ୍ରମାସ୍ତ୍ୱଂ ବ୍ରହ୍ମ ଭୂର୍ଭୁବଃସ୍ୱରୋମ୍ ।। ୬ ।।

ଗଣାଦିଂ ପୂର୍ବମୁଚ୍ଚାର୍ୟ ବର୍ଣାଦିଂ ସ୍ତଦନନ୍ତରମ୍ । ଅନୁସ୍ୱାରଃ ପରତରଃ ।
ଅର୍ଧେନ୍ଦୁଲସିତମ୍ । ତାରେଣ ଋଦ୍ଧମ୍ । ଏତତ୍ତବ ମନୁସ୍ୱରୂପମ୍ ।
ଗକାରଃ ପୂର୍ବରୂପମ୍ । ଅକାରୋ ମଧ୍ୟମରୂପମ୍ ।
ଅନୁସ୍ୱାରଶ୍ଚାନ୍ତ୍ୟରୂପମ୍ । ବିନ୍ଦୁରୁତ୍ତରରୂପମ୍ ।
ନାଦଃ ସନ୍ଧାନମ୍ । ସଂହିତା ସନ୍ଧିଃ । ସୈଷା ଗଣେଶବିଦ୍ୟା ।
ଗଣକ ଋଷିଃ । ନିଚୃଦ୍ଗାୟତ୍ରୀ ଛନ୍ଦଃ । ଶ୍ରୀମହାଗଣପତିର୍ଦେବତା ।
ଓଁ ଗଂ ଗଣପତୟେ ନମଃ ।। ୭ ।।

ଏକଦନ୍ତାୟ ବିଦ୍ମହେ ବକ୍ରତୁଣ୍ଡାୟ ଧୀମହି । ତନ୍ନୋ ଦନ୍ତିଃ ପ୍ରଚୋଦୟାତ୍ ।। ୮ ।।

Not For Commercial Use

ଏକଦନ୍ତଂ ଚତୁର୍ହସ୍ତଂ ପାଶମଙ୍କୁଶଧାରିଣମ୍ ।
ରଦଂ ଚ ବରଦଂ ହସ୍ତୈର୍ବିଭ୍ରାଣଂ ମୂଷକଧ୍ୱଜମ୍ ।।
ରକ୍ତଂ ଲମ୍ବୋଦରଂ ଶୂର୍ପକର୍ଣ୍ଣକଂ ରକ୍ତବାସସମ୍ ।
ରକ୍ତଗନ୍ଧାନୁଲିପ୍ତାଙ୍ଗଂ ରକ୍ତପୁଷ୍ପୈଃ ସୁପୂଜିତମ୍ ।।
ଭକ୍ତାନୁକମ୍ପିନଂ ଦେବଂ ଜଗତ୍କାରଣମଚ୍ୟୁତମ୍ ।
ଆବିର୍ଭୂତଂ ଚ ସୃଷ୍ଟ୍ୟାଦୌ ପ୍ରକୃତେଃ ପୁରୁଷାତ୍ପରମ୍ ।।
ଏବଂ ଧ୍ୟାୟତି ଯୋ ନିତ୍ୟଂ ସ ଯୋଗୀ ଯୋଗିନାଂ ବରଃ ।। ୯ ।।

ନମୋ ବ୍ରାତପତୟେ । ନମୋ ଗଣପତୟେ । ନମଃ ପ୍ରମଥପତୟେ ।
ନମସ୍ତେଽସ୍ତୁ ଲମ୍ବୋଦରାୟ ଏକଦନ୍ତାୟ ବିଘ୍ନବିନାଶିନେ ଶିବସୁତାୟ ଶ୍ରୀବରଦମୂର୍ତୟେ ନମଃ ।। ୧୦ ।।

ଏତଦଥର୍ବଶୀର୍ଷଂ ଯୋଽଧୀତେ । ସ ବ୍ରହ୍ମଭୂୟାୟ କଲ୍ପତେ । ସ ସର୍ବବିଘ୍ନୈର୍ନ ବାଧ୍ୟତେ ।
ସ ସର୍ବତଃ ସୁଖମେଧତେ । ସ ପଞ୍ଚମହାପାପାତ୍ ପ୍ରମୁଚ୍ୟତେ ।
ସାୟମଧୀୟାନୋ ଦିବସକୃତଂ ପାପଂ ନାଶୟତି ।
ପ୍ରାତରଧୀୟାନୋ ରାତ୍ରିକୃତଂ ପାପଂ ନାଶୟତି ।
ସାୟଂପ୍ରାତଃ ପ୍ରୟୁଞ୍ଜାନଃ ପାପୋଽପାପୋ ଭବତି ।
ଧର୍ମାର୍ଥକାମମୋକ୍ଷଂ ଚ ବିନ୍ଦତି ।
ଇଦମଥର୍ବଶୀର୍ଷମଶିଷ୍ୟାୟ ନ ଦେୟମ୍ । ଯୋ ଯଦି ମୋହାଦ୍ ଦାସ୍ୟତି । ସ ପାପୀୟାନ୍ ଭବତି ।
ସହସ୍ରାବର୍ତନାଦ୍ୟଂ ଯଂ କାମମଧୀତେ । ତଂ ତମନେନ ସାଧୟେତ୍ ।। ୧୧ ।।

ଅନେନ ଗଣପତିମଭିଷିଞ୍ଚତି । ସ ବାଗ୍ମୀ ଭବତି ।
ଚତୁର୍ଥ୍ୟାମନଶ୍ନନ୍ ଜପତି । ସ ବିଦ୍ୟାବାନ୍ ଭବତି ।
ଇତ୍ୟଥର୍ବଣବାକ୍ୟମ୍ । ବ୍ରହ୍ମାଦ୍ୟାଚରଣଂ ବିଦ୍ୟାନ୍ନ ବିଭେତି କଦାଚନେତି ।। ୧୨ ।।

Not For Commercial Use

ୟୋ ଦୂର୍ବାଙ୍କୁରୈର୍ୟଜତି । ସ ବୈଶ୍ରବଣୋପମୋ ଭବତି ।
ୟୋ ଲାଜୈର୍ୟଜତି । ସ ୟଶୋବାନ୍ ଭବତି । ସ ମେଧାବାନ୍ ଭବତି ।
ୟୋ ମୋଦକସହସ୍ରେଣ ୟଜତି ସ ବାଞ୍ଛିତଫଲମବାପ୍ନୋତି ।
ୟଃ ସାଜ୍ୟସମିଦ୍-ଭିର୍ୟଜତି । ସ ସର୍ବଂ ଲଭତେ ସ ସର୍ବଂ ଲଭତେ ।। ୧୩ ।।

ଅଷ୍ଟୌ ବ୍ରାହ୍ମଣାନ୍‌ସମ୍ୟଗ୍-ଗ୍ରାହୟିତ୍ୱା ସୂର୍ୟବର୍ଚସ୍ୱୀ ଭବତି ।
ସୂର୍ୟଗ୍ରହେ ମହାନଦ୍ୟାଂ ପ୍ରତିମାସନ୍ନିଧୌ ବା ଜପ୍ତ୍ୱା ସିଦ୍ଧମନ୍ତ୍ରୋ ଭବତି ।
ମହାବିଘ୍ନାତ୍ ପ୍ରମୁଚ୍ୟତେ । ମହାଦୋଷାତ୍ ପ୍ରମୁଚ୍ୟତେ ।
ମହାପାପାତ୍ ପ୍ରମୁଚ୍ୟତେ । ମହାପ୍ରତ୍ୟବାୟାତ୍ ପ୍ରମୁଚ୍ୟତେ ।
ସ ସର୍ବବିଦ୍-ଭବତି ସ ସର୍ବବିଦ୍-ଭବତି ।
ୟ ଏବଂ ବେଦ । ଇତ୍ୟୁପନିଷତ୍ ।। ୧୪ ।।

ହରିଃ ଓଁ ତତ୍ସତ୍ ।।

ଓଁ ଭଦ୍ରଂ କର୍ଣେଭିଃ ଶୃଣୁୟାମ ଦେବାଃ । ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଗୁଁସସ୍ତନୂଭିଃ । ବ୍ୟଶେମ ଦେବହିତଂ ୟଦାୟୁଃ ।
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ । ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ ।
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ । ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

## ।। ଇତି ଗଣପତ୍ୟୁପନିଷତ୍ସମାପ୍ତା ।।

Not For Commercial Use